# NATIONAL NEWS BULLETIN (ODIA)

**7 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତୀୟ କୃଷକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ - କହିଲେ ପ୍ରଧାନମନ୍ତ୍ରୀ ।

- ୨୦୧୧-୧୨ରୁ ୨୦୨୨-୨୩ ମସିହା ମଧ୍ୟରେ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ଭାରତ ।

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ବଳିଦାନର ପର୍ବ ଇଦ୍-ଉଜ୍ ଜୁହା ।

- ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

ଏବଂ

- ମଧ୍ୟପ୍ରଦେଶକୁ ଆଜି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଦିନିକିଆ ଗସ୍ତରେ ଯାଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ।

## ପିଏମ୍-ଫାର୍ମସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ କୃଷକଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସୁନିଶ୍ଚିତ କରିଛନ୍ତି । ଏନ୍‌ଡିଏ ସରକାର ତାଙ୍କ କାର୍ଯ୍ୟକାଳର ୧୧ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦୀ କହିଛନ୍ତି ସରକାର

ଦେଶର ପରିଶ୍ରମୀ କୃଷକମାନଙ୍କ ସେବା ଯୋଗାଇଦେବା ଲାଗି ସରକାରଙ୍କୁ ଏହା ସୁଯୋଗ ପ୍ରଦାନ କରିଛି । ଏହି ୧୧ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷକମାନଙ୍କ ଉନ୍ନତି ଏବଂ ସମୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣକରାଯାଇଛି। କୃଷି କ୍ଷେତ୍ରରେ ସାମଗ୍ରିକ ପରିବର୍ତ୍ତନକୁ ସୁନିଶ୍ଚିତ କରାଯାଇ ପାରିଛି । ମୃତ୍ତିକା, ସ୍ୱାସ୍ଥ୍ୟ ଏବଂ ଜଳସେଚନ ଆଦି ପ୍ରସଙ୍ଗକୁ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହିସବୁ ପଦକ୍ଷେପ ଦ୍ୱାରା କୃଷକମାନେ ଉପକୃତ ହୋଇପାରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଆଗାମୀ ଦିନରେ କୃଷକମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଜାରି ରହିବ ।

## ୱାର୍ଲ୍ଡ ବ୍ୟାଙ୍କ ପ୍ରଭଟି ରେଟ୍

ଭାରତ’ ୨୦୧୧-୧୨ରୁ ୨୦୨୨-୨୩ ମସିହା ମଧ୍ୟରେ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ଏହିସମୟ ମଧ୍ୟରେ ଦେଶର ୨୬ କୋଟି ୯୦ ଲକ୍ଷରୁ ଅଧିକ ଲୋକ ଅତିଗରିବ ଶ୍ରେଣୀରୁ ଉପରକୁ ଉଠିଛନ୍ତି । ସଦ୍ୟତମ ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ ୨୦୧୧-୧୨ ମସିହାରେ ଏହିହାର ୨୭ ଦଶମିକ ୧ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା  ୫ ଦଶମିକ ୩ ପ୍ରତିଶତକୁ ହ୍ରାସ ପାଇଛି । ସେହିପରି ୨୦୧୧-୧୨ ମସିହାରେ ୩୪୪ ଦଶମିକ ୪/୭ ନିୟୁତ ଲୋକ ଅତି ଗରିବ ଥିବାବେଳେ ୨୦୨୨-୨୩ ମସିହାରେ ଏହି ସଂଖ୍ୟା ୭୫ ଦଶମିକ ୨/୪ ନିୟୁତକୁ ହ୍ରାସ ପାଇଛି । ଉତ୍ତରପ୍ରଦେଶ, ମହାରାଷ୍ଟ୍ର,

ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶରେ ଏହା ସବୁଠାରୁ ଅଧିକ ରହିଛି । ଏହି ରାଜ୍ୟଗୁଡ଼ିକରେ ମିଳିତଭାବେ ୨୦୧୧-୧୨ ମସିହାରେ ଦାରିଦ୍ର୍ୟ ସୀମା ହାରର ୬୫ପ୍ରତିଶତ ଲୋକ ବସବାସ କରିଥିଲେ । ଗତ ୧୦ ବର୍ଷ ମଧ୍ୟରେ ଏହି ଲୋକସଂଖ୍ୟା ମଧ୍ୟରୁ ଦୁଇ ତୃତୀୟାଂଶ ଅତି ଗରିବ ଶ୍ରେଣୀରୁ ଊର୍ଦ୍ଧ୍ୱକୁ ଉଠିଛନ୍ତି । ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳକୁ ତୁଳନାତ୍ମକ ଭାବରେ ବର୍ଣ୍ଣନା କଲେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୧୮ ଦଶମିକ ୪ ପ୍ରତିଶତରୁ ୨ ଦଶମିକ ୮ ପ୍ରତିଶତକୁ ଏବଂ ସହରାଞ୍ଚଳରେ ୧୦ ଦଶମିକ ୭ ପ୍ରତିଶତରୁ ମାତ୍ର ୧ ଦଶମିକ ୧ ପ୍ରତିଶତକୁ ଗତ ୧୧ ବର୍ଷ ମଧ୍ୟରେ ହ୍ରାସ ପାଇଛି ।

ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାରଙ୍କ ଗତ ୧୧ ବର୍ଷ ମଧ୍ୟରେ ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ଦ୍ୱାରା ଏହି ସଫଳତା ହାସଲ ହୋଇଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ଓମ୍‌ବିର୍ଲା-ବ୍ରିକ୍ସ

ଭାରତ ସର୍ବଦା ଆଇନ୍ ବ୍ୟବସ୍ଥାକୁ ସମ୍ମାନ ଜଣାଇବା ସହ ବିଶ୍ୱସ୍ତରୀୟ ସହଯୋଗ ଏବଂ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନକୁ ପ୍ରୋତ୍ସାହିତ କରିଆସିଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ବ୍ରାଜିଲ୍‌ର ବ୍ରାସିଲିଆଠାରେ ଅନୁଷ୍ଠିତ ଏକାଦଶତମ ବ୍ରିକ୍ସ ସଂସଦୀୟ ଫୋରମ୍‌ରେ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବା

ଅବସରରେ ଏକ ଭିଡ଼ିଓ ବାର୍ତ୍ତା ପ୍ରଦାନ କରି ଶ୍ରୀ ବିର୍ଲା ଏହା କହିଛନ୍ତି । ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା, କୃତ୍ରିମ ବୁଦ୍ଧିମତା ଆଧାରିତ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଆର୍ଥିକ ପ୍ରସଙ୍ଗରେ ମିଳିତଭାବେ କାର୍ଯ୍ୟକରିବା ଉପରେ ଶ୍ରୀ ବିର୍ଲା ଗୁରୁତ୍ୱ ଦେଇଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ନିନ୍ଦା କରିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିବା ନେଇ ସଦସ୍ୟ ରାଷ୍ଟ୍ରଙ୍କର ମିଳିତ ପ୍ରୟାସ ପାଇଁ ବାଚସ୍ପତି ଶ୍ରୀ ବିର୍ଲା ଆହ୍ୱାନ ଦେଇଛନ୍ତି । ପରବର୍ତ୍ତୀ ବ୍ରିକ୍ସ ସମ୍ମିଳନୀ ଭାରତରେ ଆୟୋଜନ କରାଯିବ ବୋଲି ସେ କହିଛନ୍ତି । ଏଥିରେ ଅର୍ଥନୈତିକ, ସାମାଜିକ, ବାଣିଜ୍ୟ, କୃତ୍ରିମ ବୁଦ୍ଧିମତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଗୁଡ଼ିକ ଉପରେ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ମତ ବିନିମୟ ହେବ ବୋଲି ସେ କହିଛନ୍ତି ।

## ଇଦ୍-ଉଜ୍ ଜୁହା

ଦେଶର ବିଭିନ୍ନ ଭାଗରେ ଆଜି ବଳିଦାନର ପର୍ବ ଇଦ୍-ଉଜ୍ ଜୁହା ପାଳନ କରାଯାଉଛି । ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗାହରେ ସ୍ୱତନ୍ତ୍ର ନମାଜ ପାଠ କରାଯାଉଛି । ଦିଲ୍ଲୀର ଜାମା ମସ୍‌ଜିଦ୍, ଫତେପୁରୀ ମସ୍‌ଜିଦ୍ ଏବଂ ସାହି ଇଦ୍‌ଗାହରେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଈଶ୍ୱରଙ୍କ ଆଦେଶ

କ୍ରମେ ହଜରତ ଇବ୍ରାହିମ୍ ତାଙ୍କର ଏକମାତ୍ର ପୁତ୍ରକୁ ବଳିଦାନ ଦେଇଥିବା ଘଟଣାକୁ ସ୍ମରଣ ପୂର୍ବକ ଇଦ୍-ଉଜ୍ ଜୁହା ପାଳନ କରାଯାଇଥାଏ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଜ୍ ଜୁହା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ରାଷ୍ଟ୍ରପତି ଏହି ପର୍ବକୁ ବଳିଦାନ, ବିଶ୍ୱାସ ଏବଂ ମାନବିକ ମୂଲ୍ୟବୋଧର ପ୍ରତିଫଳନ ବୋଲି କହିଛନ୍ତି । ସେ କହିଛନ୍ତି ଏହି ପର୍ବ ସମାଜରେ ଏକତା, ସ୍ନେହ ଏବଂ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥାଏ । ଏହି ମୂଲ୍ୟବୋଧକୁ ଗ୍ରହଣ କରି ଏକ ସ୍ୱତନ୍ତ୍ର ସମାଜ ଗଠନ ଲାଗି ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି ଏହି ପର୍ବ ସମସ୍ତଙ୍କୁ ବଳିଦାନ ସମ୍ପର୍କରେ ମନେପକାଇଥାଏ । ଏହା ସମାଜରେ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଗଣତାନ୍ତ୍ରିକ ସମ୍ପର୍କକୁ ସୁଦୃଢ଼ କରିଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଶୁଭେଚ୍ଛା ଜଣାଇ ସମାଜରେ ଶାନ୍ତି ଏବଂ ସଂହତିକୁ ସୁଦୃଢ଼ କରିବା ଦିଗରେ ଏହି ପର୍ବ ପ୍ରୋତ୍ସାହିତ କରିଥାଏ ବୋଲି କହିଛନ୍ତି । ଶ୍ରୀ ମୋଦୀ ସମସ୍ତ ନାଗରିକଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି କାମନା କରିଛନ୍ତି ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଧ୍ୟ ଇଦ୍-ଉଜ୍ ଜୁହା ଅବସରରେ ଶୁଭେଚ୍ଛା ଜଣାଇ ଏହି ପର୍ବ ଲୋକମାନଙ୍କ ମଧ୍ୟରେ ଶାନ୍ତି ଓ ବିକାଶର ବାର୍ତ୍ତା ଦେଉ ବୋଲି କାମନା କରିଛନ୍ତି ।

# ହିଟ୍ ରିସ୍କ ମ୍ୟାନେଜମେଣ୍ଟ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର କହିଛନ୍ତି ପ୍ରବଳ ଗ୍ରୀଷ୍ମ ବିପତ୍ତି ପରିଚାଳନାର ମୁକାବିଲା ନିମନ୍ତେ ଭାରତ ପକ୍ଷରୁ ସୁଚିନ୍ତିତ ଏବଂ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଜେନେଭାଠାରେ ପ୍ରବଳ ଗ୍ରୀଷ୍ମ ବିପତ୍ତି ପରିଚାଳନାର ସ୍ୱତନ୍ତ୍ର ଅଧୀବେଶନରେ ଶ୍ରୀ ମିଶ୍ର କହିଛନ୍ତି ଅତ୍ୟଧିକ ତାପମାତ୍ରା ବୃଦ୍ଧି କାରଣରୁ ସ୍ୱାସ୍ଥ୍ୟ, ଆର୍ôଥିକ ସ୍ଥିରତା ପରିବେଶଗତ ସନ୍ତୁଳନତାରେ ବିପଦ ସୃଷ୍ଟି ହୋଇଥାଏ । ଭାରତ' ବିପର୍ଯ୍ୟୟ ବିପଦ ହ୍ରାସ(UNDRR) ନିମନ୍ତେ ଜାତିସଂଘ କାର୍ଯ୍ୟାଳୟକୁ ସ୍ୱାଗତ କରିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି । ଅତ୍ୟଧିକ ତାପମାତ୍ରାର ମୁକାବିଲା ନିମନ୍ତେ ଶିକ୍ଷା ଏବଂ ସହଯୋଗିତା ସଂକ୍ରାନ୍ତରେ ଏହି କାର୍ଯ୍ୟାଳୟ ବ୍ୟବସ୍ଥା କରିବ । ସମନ୍ୱିତ ସତର୍କତାମୂଳକ ପଦକ୍ଷେପ ଦ୍ୱାରା ବିପର୍ଯ୍ୟୟ ପରିଚାଳନା ପାଇଁ ଭାରତ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଶ୍ରୀ ମିଶ୍ର ଆଲୋଚନା କରିଥିଲେ । ତାପମାତ୍ରା ମୁକାବିଲା ପରିଚାଳନା କ୍ଷେତ୍ରରେ ବୈଷୟିକ କ୍ଷମତା, ବିଶେଷଜ୍ଞ ଅନୁଭୂତି, ବୈଶ୍ୱିକ ଅଂଶୀଦାର ଏବଂ ସହଯୋଗିତା ନିମନ୍ତେ ସମସ୍ତ କୌଶଳ ଆଦାନପ୍ରଦାନ କରିବ ବୋଲି ଭାରତ ପୂର୍ଣ୍ଣ ପ୍ରତିଶ୍ରୁତି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ସ୍ପେଶାଲ୍ ଫିଚର-୧୧ ଇୟର୍ସ

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତିକୁ ଆଧାର କରି ଗତ ଏକଦଶନ୍ଧି ମଧ୍ୟରେ ଭାରତରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ଗତ ୧୧ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସଂପର୍କରେ ସ୍ୱତନ୍ତ୍ର ଉପସ୍ଥାପନା କରାଯାଉଛି । ଆଜି ଆସନ୍ତୁ ଜାଣିବା ଭାରତୀୟ କୃଷକଙ୍କ ସଶକ୍ତିକରଣ ସଂପର୍କରେ ।

ଗତ ୧୧ ବର୍ଷ ମଧରେ ଭାରତରେ କୃଷି କ୍ଷେତ୍ରରେ ବ୍ୟାପକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶରେ 'ବିଜ୍ ସେ ବଜାର ତକ୍' ପଦକ୍ଷେପ ମାଧ୍ୟମରେ କୃଷି କ୍ଷେତ୍ରରେ ବ୍ୟାପକ ପ୍ରଗତି ହାସଲ ହୋଇପାରିଛି । କୃଷି କ୍ଷେତ୍ରରେ କେନ୍ଦ୍ର ସରକାର ବଜେଟ୍ ଆବଣ୍ଟନ ପରିମାଣ ୫ ଗୁଣ ବୃଦ୍ଧି କରିଛନ୍ତି । ୨୦୧୩-୧୪ ମସିହାରେ ବଜେଟ୍ ଆବଣ୍ଟନ ପରିମାଣ ୨୮ହଜାର କୋଟି ଟଙ୍କା ଥିବାବେଳେ ୨୦୨୪-୨୫ ମସିହାରେ ଏହାର ପରିମାଣ ୧ ଦଶମିକ ୩/୭ ଲକ୍ଷ କୋଟିକୁ ବୃଦ୍ଧି ପାଇଥିଲା । କୃଷକମାନଙ୍କୁ ପ୍ରତ୍ୟକ୍ଷ ସହାୟତା ପରିମାଣ ମଧ ଆଖିଦୃଶିଆ ହୋଇଥିଲା । ପିଏମ୍ କିଶାନ ଯୋଜନା ମାଧମରେ ୧୧ କୋଟି କୃଷକ ପ୍ରତ୍ୟକ୍ଷ ଭାବେ ୩ ଦଶମିକ ୭ଲକ୍ଷ କୋଟି ଟଙ୍କା ପାଇଛନ୍ତି ।

ସେହିପରି କିଷାନ କ୍ରେଡିଟ୍ କାର୍ଡ ଯୋଜନାରେ ଋଣ ପରିମାଣ ୧୦ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଫସଲବୀମା ଯୋଜନା ମାଧ୍ୟମରେ ପ୍ରାୟ ୨୦ କୋଟି କୃଷକ ଲାଭବାନ ହେବା ସହ ୧ ଦଶମିକ ୭/୫ ଲକ୍ଷ କୋଟି ଟଙ୍କା କୃଷି ବୀମା କରିପାରିଛନ୍ତି । ଗହମ, ଧାନ, ଡାଲି ଏବଂ

ତୈଳବୀଜ ଫସଲରେ ସର୍ବନିମ୍ନ ସହାୟତା ମୂଲ୍ୟ ବୃଦ୍ଧି କରାଯାଇଛି । ସେହିପରି ପିଏମ୍ କୁସୁମ ଯୋଜନା ମାଧ୍ୟମରେ ସୌରପମ୍ପ ଏବଂ ପ୍ରାକୃତିକ ଚାଷ ଅଭିଯାନକୁ ଆତ୍ମନିର୍ଭରଶୀଳ ଏବଂ ଦୀର୍ଘସ୍ଥାୟୀ କରାଯାଇ ପାରିଛି । ପିଏମ୍ କୃଷି ସିଞ୍ଚାଇ ଯୋଜନା ଏବଂ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ମାଧ୍ୟମରେ ଜଳସେଚନ ଏବଂ ମୃତ୍ତିକା ଉତ୍ପାଦକତା ବୃଦ୍ଧି କରାଯାଇଛି। ବୈଜ୍ଞାନିକ ଏବଂ ଅତ୍ୟାଧୁନିକ କୃଷି ଉପକରଣ ମାଧ୍ୟମରେ କୃଷକ ମାନଙ୍କୁ ସଶକ୍ତ କରାଯାଇପାରିଛି । କେନ୍ଦ୍ର ସରକାର କୃଷିଭିତ୍ତିକ ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦୁଗ୍ଧ ଉତ୍ପାଦନରେ ୬୩ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ଘଟିଛି । ସମଗ୍ର ବିଶ୍ୱରେ ଭାରତ ଦୁଗ୍ଧ ଓ ପଶୁପାଳନ କ୍ଷେତ୍ରରେ ଶୀର୍ଷସ୍ଥାନ ହାସଲ କରିପାରିଛି । ସେହିପରି ଗତ ୧୦ ବର୍ଷ ମଧ୍ୟରେ ଭାରତ ପାଖାପାଖି ଦୁଇଗୁଣ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ସଫଳତା ହାସଲ କରିଛି । ଭାରତର କୃଷକ ଆଜି କେବଳ ଏକ ଉତ୍ପାଦକ ଭାବେ ପରିଚୟ ହାସଲ କରିନି ବରଂ ଜାତୀୟ ଅଭିବୃଦ୍ଧିର ସଞ୍ଚାଳକ ହୋଇପାରିଛି ।

## ରୁଷ୍-ୟୁକ୍ରେନ୍ ଆଟାକ

ୟୁକ୍ରେନ୍‌ର ଖାର୍‌କିଭ୍ ସହର ଉପରେ ରୁଷିଆର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣରେ ୩ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୧ଜଣ ଆହତ ହୋଇଛନ୍ତି । ସପ୍ତାହକମଧ୍ୟରେ ଏହା ରୁଷିଆର ଏହା ବଡ ଆକ୍ରମଣ ବୋଲି

କୁହାଯାଇଛି । କ୍ଷେପଣାସ୍ତ୍ର ଆକ୍ରମଣରେ ୧୮ଟି ଆପାର୍ଟମେଣ୍ଟ ଏବଂ ୧୩ଟି ଘର ନଷ୍ଟ ହୋଇଥିବା ସୂଚନା ମିଳିଛି । ରୁଷିଆ ପକ୍ଷରୁ ୪୮ଟି ଡ୍ରୋନ୍, ୨ଟି କ୍ଷେପଣାସ୍ତ୍ର ଏବଂ ୪ଟି ବିମାନରୁ ବୋମା ଆକ୍ରମଣ କରାଯାଇଥିଲା । ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ୩ବର୍ଷରେ ପଦାର୍ପଣ କରିଛି ।

# ଶିବରାଜ ଚୌହ୍ୱାନ ଭିଜିଟ୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଆଜି ମଧ୍ୟପ୍ରଦେଶର ସେହୋର ଜିଲ୍ଲାକୁ ଦିନିକିଆ ଗସ୍ତ କରିଛନ୍ତି । ସେ ଆଜି ଅପରାହ୍ଣରେ ସେହୋର ଏବଂ ଇଚ୍ଛାଓ୍ୱରଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଶ୍ରୀ ଚୌହ୍ୱାନଙ୍କ ସମେତ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ସେଠାରେ ୫୧କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ । ଇଚ୍ଛାଓ୍ୱରଠାରେ ଶ୍ରୀ ଚୌହ୍ୱାନ ବିକଶିତ କୃଷି ସଂକଳ୍ପ ଅଭିଯାନରେ ଉଦ୍‌ବୋଧନ ଦେବା ସହ ଭାଉଖେଡିସ୍ଥିତ କିଶାନ ଚୌପାଲଠାରେ କୃଷକମାନଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।